


# ଅସ୍ୱାଭାବିକତା ବିରୋଧରେ କହିବା ଲାଗି ବୃତ୍ତି ସୁଯୋଗ ଦେଇଛି



ଅଶୋକ ସ୍ୱାଇଁ

ପୁରୀ ଜିଲା ଅସ୍ତରଙ୍ଗର ଅଶୋକ ସ୍ୱାଇଁ। ସ୍ୱିଡେନ୍‌ର ଉପସଲା ବିଶ୍ୱବିଦ୍ୟାଳୟର 'ପିସ୍ ଆଣ୍ଡ୍ କନ୍‌ଫ୍ଲିକ୍ଟ ରିସର୍ଚ୍ଚ' ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟରତ। ଅନ୍ତର୍ଜାତୀୟ ସ୍ତରର ବୁଦ୍ଧିଜୀବୀ ଭାବେ ସେ ଜଣାଶୁଣା। ନିକଟରେ ଭାରତ ସରକାର ତାଙ୍କ ଦରିଆପାରି ଭାରତୀୟ ନାଗରିକତ୍ୱ (ଓସିଆଇ) ମାନ୍ୟତାକୁ ପ୍ରତ୍ୟାହାର କରିନେଇଛନ୍ତି। ଭାରତ ସରକାରଙ୍କ ନୀତି ଏବଂ ରାଜନୀତି ବିରୋଧରେ ସାମାଜିକ ଗଣମାଧ୍ୟମରେ ଲେଖୁଥିବାରୁ ତାହା ନୂଆଦିଲ୍ଲୀରେ କ୍ଷମତାଶାଳୀ ଲୋକଙ୍କୁ ବିବ୍ରତ କରିଛି। ଧରିତ୍ରୀ ତରଫରୁ ତାଙ୍କ ସହ ଏକ ସାକ୍ଷାତ୍‌କାର।

**ପ୍ର– ଆପଣ ବୋଧହୁଏ ପ୍ରଥମ ଓଡ଼ିଆ, ଯାହାଙ୍କର ଓସିଆଇ ମାନ୍ୟତା ଭାରତ ସରକାରଙ୍କ ଦ୍ୱାରା ପ୍ରତ୍ୟାହାର କରିନିଆଯାଇଛି। ଏଥିରେ ଆପଣ ଦୁଃଖିତ କି, ଏହି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆପଣ ଆପଣଙ୍କ ମା'ଙ୍କୁ ଦେଖିବାରେ ସକ୍ଷମ ହେବେ ନାହିଁ? ଆପଣ ସ୍ୱିଡେନରେ ରହୁଛନ୍ତି ଓ ଭାରତରେ ଘଟୁଥିବା ଘଟଣା ଦ୍ୱାରା ପ୍ରଭାବିତ ହୋଇ ନ ଥିଲେ ମଧ୍ୟ ସରକାରଙ୍କୁ ବିରୋଧ କରିବା ଜାରି ରଖିଛନ୍ତି କି?**

ଅଶୋକ ସ୍ୱାଇଁ – ହଁ, ମୁଁ କେବଳ ଓଡ଼ିଶାର ପ୍ରଥମ ନୁହେଁ, ବରଂ ଭାରତୀୟ ମୂଳ ଏକାଡେମିକ୍‌ର ପ୍ରଥମ ବ୍ୟକ୍ତି; ଯାହାର ଓସିଆଇ ମାନ୍ୟତା ପ୍ରତ୍ୟାହାର କରାଯାଇଛି। ଫଳରେ ଭାରତ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଏହା ଅତ୍ୟନ୍ତ ଦୁଃଖଦାୟକ ଯେ, ମୁଁ ଚାରି ବର୍ଷରୁ ଅଧିକ ସମୟ ଧରି ମା'ଙ୍କୁ ଦେଖା କରିବାକୁ ସମର୍ଥ ହୋଇପାରୁନାହିଁ। ଏପରିକି କୋଭିଡ୍ ସଙ୍କଟ ସମୟରେ ମଧ୍ୟ ତାଙ୍କୁ ଦେଖା କରିବାର ସୁଯୋଗ ହରାଇଥିଲି। ଖୁସିର କଥା ଯେ ସେ ଭଲ ଅଛନ୍ତି ଏବଂ ପ୍ରତିକୂଳ ପରିସ୍ଥିତିରେ ତାଙ୍କର ଶକ୍ତି ମୋତେ ପ୍ରେରଣା ଦେଉଛି। ବିଭିନ୍ନ ଆହ୍ୱାନ ଥିବା ସତ୍ତ୍ୱେ ମୁଁ ମୋଦିଙ୍କ ଶାସନକୁ ସମାଲୋଚନା କରିବା ଲାଗି ମିଳୁଥିବା ଯେକୌଣସି ମଞ୍ଚକୁ ବ୍ୟବହାର କରିବାରେ ଅଟଳ ଅଛି। ମୁଁ ତାଙ୍କ ହିନ୍ଦୁତ୍ୱ ସଂଖ୍ୟାଗରିଷ୍ଠବାଦୀ ରାଜନୀତିକୁ ଦୃଢ଼ ବିରୋଧ କରୁଛି, ଯାହା ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ନୈତିକତା ପାଇଁ କ୍ଷତିକାରକ ବୋଲି ମୋର ବିଶ୍ୱାସ। ଗାନ୍ଧୀ ଏବଂ ନେହେରୁଙ୍କ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହେବା ଭଳି ଦେଶରେ ବଢ଼ିଛି। କିନ୍ତୁ ଘୃଣା ଏବଂ ଧର୍ମାନ୍ଧତା ବଢୁଥିବା ଦେଖି କଷ୍ଟ ଲାଗୁଛି। ଯଦିଓ ମୁଁ ସ୍ୱିଡେନରେ ରହେ ଓ କାର୍ଯ୍ୟ କରେ, ତଥାପି ମୋଦି ସରକାରଙ୍କ ଦୃଷ୍ଟିକୋଣକୁ ଖାତିର ନ କରି ଭାରତ ସହ ମୋର ଯୋଗାଯୋଗ ଅବିରତ ରହିଛି। ମୋର ମା' ଓ ଭଉଣୀ ସେଠାରେ ରୁହନ୍ତି ଏବଂ ଅବସର ପରେ ଓଡ଼ିଶାକୁ ଫେରିଯାଇ ଅବସ୍ଥାନ କରିବା ବିଷୟରେ ସବୁବେଳେ ଭାବୁଥିଲି। ତେଣୁ ଭାରତରେ ଯାହା କିଛି ଘଟୁଛି ତାହା ମୋତେ ପ୍ରଭାବିତ କରୁନାହିଁ ବୋଲି କହିବା ଠିକ୍ ନୁହେଁ।

**ପ୍ର– ଆପଣ ଜଣେ ମିଶନାରୀ ନୁହନ୍ତି, ଯିଏ ଲୋକଙ୍କୁ ଧର୍ମାନ୍ତରଣ କରୁଛନ୍ତି କିମ୍ବା ସଂଖ୍ୟାଲଘୁ ସମସ୍ୟା ସୃଷ୍ଟି କରୁଥିବା ଜଣେ ବ୍ୟକ୍ତି। କିନ୍ତୁ ଆପଣ ସବୁବେଳେ କାହିଁକି ଅସୁବିଧାରେ ପଡୁଛନ୍ତି? କିଏ ଆପଣଙ୍କୁ ହଇରାଣରେ ପକାଉଛି ଓ କାହିଁକି?**

ଅଶୋକ ସ୍ୱାଇଁ – ମୁଁ ଜଣେ ମିଶନାରୀ ବା ମୁସଲମାନ ନୁହେଁ, କିନ୍ତୁ ମୁଁ ଜଣେ ମଣିଷ। ଜଣେ ଶିକ୍ଷାବିତ୍ ଭାବେ ଦଶନ୍ଧିବ୍ୟାପୀ ସଂଖ୍ୟାଗରିଷ୍ଠଙ୍କ ଶାସନ ଦ୍ୱାରା ପ୍ରଭାବିତ ଦେଶର ଅବସ୍ଥା ଉପରେ ଗବେଷଣା କରିଛି। ଭାରତରେ ଜଣଙ୍କୁ ଏହାର ପରିଣାମ ଦେଖିବାକୁ ବେଶି ଦୂରଦୂରାନ୍ତରର ଆବଶ୍ୟକତା ନାହିଁ। ପାକିସ୍ତାନ ଏବଂ ଶ୍ରୀଲଙ୍କା ପରି ପଡ଼ୋଶୀ ଦେଶ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ସଂଖ୍ୟାଗରିଷ୍ଠତାବାଦ ଏହି ଦେଶଗୁଡ଼ିକୁ ଧ୍ୱଂସ କରିଦେଇଛି। ଭାରତ କେବଳ ଧର୍ମନିରପେକ୍ଷ ଗଣତନ୍ତ୍ର ଭାବରେ ସମୃଦ୍ଧ ହୋଇପାରିବ, କିନ୍ତୁ ହିନ୍ଦୁତ୍ୱ ତତ୍ତ୍ୱ ଅଧୀନରେ ନୁହେଁ। ଏ ବିଷୟ ମୋତେ ଭୀଷଣ ଅସୁବିଧାରେ ପକାଉଛି ଏବଂ ଯେପର୍ଯ୍ୟନ୍ତ ମୋଦି ଶାସନ ଭାରତର ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଓ ବୈଜ୍ଞାନିକ ନୀତିକୁ କ୍ଷୁଣ୍ଣ କରୁଥିବ, ସେପର୍ଯ୍ୟନ୍ତ ଏହା ଜାରି ରହିବ।

**ପ୍ର– ବୃଦ୍ଧା ମା'ଙ୍କୁ ଭେଟିବା ପାଇଁ ଭାରତ ଆସିଲେ ଆପଣ ଗିରଫ ହୋଇଯିବାର ଭୟ ରହିଛି କି?**

ଅଶୋକ ସ୍ୱାଇଁ – ଯଦି ମୁଁ ଯିବା ପାଇଁ ଚେଷ୍ଟା କରିବି, ତେବେ ନିଷେଧାଦେଶ ଯୋଗୁ ମୋତେ ବିମାନବନ୍ଦରରୁ ସିଧାସଳଖ ସ୍ୱିଡେନକୁ ପଠାଯିବାର ସମ୍ଭାବନା ଅଛି। ତେବେ ମୋ ଘଟଣାକୁ ଏକ ଉଦାହରଣ ଭାବରେ ବ୍ୟବହାର କରି ମୋଦି ଶାସନ ଏହାର ସମାଲୋଚକମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ତେଣୁ ଦେଶକୁ ପ୍ରତ୍ୟର୍ପଣ ହେବା ପରିବର୍ତ୍ତେ ମୋତେ ଗିରଫ କରାଯିବା ସମ୍ଭାବନା ଅଧିକ।

**ପ୍ର– ଯେତେବେଳେ ଆମ ଯୁବପିଢ଼ି ଏହି ଦେଶ ମଧ୍ୟରେ ରୋଜଗାରର କୌଣସି ସୁଯୋଗ ପାଉନାହାନ୍ତି, ରୁଷିଆ ସେନାରେ ଯୋଗଦେବା ଓ ୟୁକ୍ରେନ ବିରୋଧରେ ଲଢ଼ିବାକୁ ବାଧ୍ୟ ହେଉଛନ୍ତି, ଆପଣଙ୍କର ଭଲ ଚାକିରି ଅଛି ଏବଂ ସ୍ୱିଡେନରେ ଜୀବନକୁ ଉପଭୋଗ କରୁଛନ୍ତି, ଏହି ସମୟରେ ଭାରତର ରାଜନୈତିକ ଅବସ୍ଥାକୁ ସମାଲୋଚନା କରିବା ଆପଣଙ୍କ ପକ୍ଷରେ ଭଲ ବୋଲି ଭାବୁଛନ୍ତି କି?**

ଅଶୋକ ସ୍ୱାଇଁ – ମୁଁ ସ୍ୱିଡେନରେ ମୋ ଜୀବନକୁ ଉପଭୋଗ କରୁଛି କି ନାହିଁ ମୁଁ ନିଶ୍ଚିତ ନୁହେଁ। ତଥାପି ମୋର ଏକ ଭଲ ଚାକିରି ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଛି। ଏକ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ମୋଦି ଶାସନ ବିରୋଧରେ କହିବା ପାଇଁ ମୋ ବୃତ୍ତି ମୋତେ ସୁଯୋଗ ଦେଇଛି। ଶେଷରେ ଆପଣ ନିଜ ଜୀବନ ପାଇଁ କ'ଣ ହାସଲ କରିଛନ୍ତି ତାହା ଗଣାଯାଏ ନାହିଁ; ବରଂ ଆପଣ କିପରି ଆପଣଙ୍କ ଆଦର୍ଶ ଓ ମୂଲ୍ୟବୋଧକୁ ପାଥେୟ କରି ଆଗେଇଛନ୍ତି, ତାହା ବଡ଼ କଥା।

# ବିଲ୍ ଗେଟ୍‌ସଙ୍କୁ 'କିସ୍ ହ୍ୟୁମାନିଟାରିଆନ ସମ୍ମାନ'

ଭୁବନେଶ୍ୱର,୨୮।୨
(ଅନୁରାଧା ମହାରଣା)

ମାଇକ୍ରୋସଫ୍ଟର ସହପ୍ରତିଷ୍ଠାତା ତଥା ବିଲ୍ ଆଣ୍ଡ୍ ମିଲିଣ୍ଡା ଗେଟ୍‌ସ ଫାଉଣ୍ଡେଶନର ସହ-ଅଧ୍ୟକ୍ଷ ବିଲ୍ ଗେଟସଙ୍କୁ ସମ୍ମାନଜନକ 'କିସ୍ ହ୍ୟୁମାନିଟାରିଆନ ସମ୍ମାନ ୨୦୨୩' ଦିଆଯାଇଛି। ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରିଥିଲେ। ବିଶ୍ୱରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସର୍ଜନଶୀଳ ବୈଷୟିକ କୌଶଳ ମାଧ୍ୟମରେ ଅସମାନତା ଦୂର କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ମିଳିଛି। ଏହି ଅବସରରେ ଡ. ସାମନ୍ତ କହିଲେ, ବିଲ୍ ଗେଟ୍‌ସଙ୍କ ଏହି ସମ୍ମାନ ଗ୍ରହଣ ବିଶ୍ୱରେ ମାନବିକ କାର୍ଯ୍ୟ କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥିର କରିବ। ସମ୍ମାନ ଗ୍ରହଣ କରି ବିଲ୍ କହିଲେ, ମୋ କାର୍ଯ୍ୟକୁ କିସ୍ ସ୍ୱୀକୃତି ପ୍ରଦାନ କରିଥିବାରୁ ସମାଜସେବା କ୍ଷେତ୍ରରେ ଅଧିକ କାର୍ଯ୍ୟ କରିବା ପାଇଁ ଏହା ପ୍ରେରଣା ଯୋଗାଇବ। କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ପ୍ରଫେସର ଅମରେଶ୍ୱର ଗାଲା କିସ୍ ତରଫରୁ ବିଲ୍ ଗେଟ୍‌ସଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



ବିଲ୍ ଗେଟ୍‌ସଙ୍କୁ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ମାନ ପ୍ରଦାନ କରୁଛନ୍ତି।

ସୂଚନା ଥାଉ କି, ସମଗ୍ର ବିଶ୍ୱରେ ନିରବଚ୍ଛିନ୍ନ ଭାବେ ନିଷ୍ଠାର ସହ ମାନବିକ କାର୍ଯ୍ୟ କରିଆସୁଥିବା ବ୍ୟକ୍ତିବିଶେଷ ଏବଂ ସଂଗଠନକୁ ସ୍ୱୀକୃତି ପ୍ରଦାନ କରିବା ନିମନ୍ତେ ୨୦୦୮ରୁ ଦିଆଯାଉଥିବା 'କିସ୍ ହ୍ୟୁମାନିଟାରିଆନ ପୁରସ୍କାର' ହେଉଛି କିସ୍‌ର ଶ୍ରେଷ୍ଠ ସମ୍ମାନ। ଏହି ସମ୍ମାନ ଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକା ଉତ୍ତର-ପଶ୍ଚିମ ରାଜ୍ୟର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଏ ବୋମୋ ମୋଲେୱା, ଦକ୍ଷିଣ କୋରିଆର ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ତଥା ହାନ୍ୱେଓ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ହାମ୍ କି ସନ, ମରିସସ୍‌ର ରାଷ୍ଟ୍ରପତି ଅନିରୁଦ୍ଧ ଜଗନ୍ନାଥ, ବ୍ରିଟେନ ସୁପ୍ରିମକୋର୍ଟର ସଭାପତି ରୋଟାରିଆନ ଜଷ୍ଟିସ ନିକୋଲାସ ଆ ଫିଲିପ୍‌ସ, ଭୁଟାନ ପ୍ରଧାନମନ୍ତ୍ରୀ ଲ୍ୟାଞ୍ଚେନ ଜିଗ୍‌ମେ ଥିନ୍‌ଲେ, ସୁଇଜରଲ୍ୟାଣ୍ଡ ଏଫଏକ୍ସବି ଇଣ୍ଟରନ୍ୟାଶନାଲ ପ୍ରତିଷ୍ଠାତା ମ୍ୟା ଆଲବିନା ବୋଇସ୍ରୋଭ୍ରେ, ଆଧ୍ୟାତ୍ମିକ ଗୁରୁ ତଥା ୨୦୦୫ ନୋବେଲ ଶାନ୍ତି ପୁରସ୍କାର ବିଜେତା ଦଲାଇ ଲାମା, ବାଂଲାଦେଶ ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠାତା ତଥା ନୋବେଲ ଶାନ୍ତି ପୁରସ୍କାର ବିଜେତା ମହମ୍ମଦ ୟୁନୁସ, ଗିନିର ନ୍ୟାଶନାଲ ଟ୍ରାଞ୍ଜିଶନ କାଉନ୍‌ସିଲ୍‌ର ଅଧ୍ୟକ୍ଷ ଦାମ୍ବା କୋରୁମା ଏବଂ କେନିଆର ଫାଷ୍ଟ ଲେଡି ମାମା ରାଚେଲ ରୁଟୋ ରହିଛନ୍ତି।

# ବଜ୍ରପାତରେ ଅଙ୍ଗନୱାଡି କର୍ମୀ ମୃତ: ସ୍ୱାମୀ, ନଣନ୍ଦ ଗୁରୁତର

ଦିଗପହଣ୍ଡି,୨୮।୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମରେ ବୁଧବାର ବଜ୍ରପାତ ହେବାରୁ ଜଣେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଓ ନଣନ୍ଦ ଗୁରୁତର ହୋଇଛନ୍ତି। ମୃତା ହେଲେ ଦିଗପହଣ୍ଡି ଥାନା ବାସୁଦେବପୁର ଗ୍ରାମର ଏ. ନାର୍ସୁଆମ୍ମା। ସେ ସିଦ୍ଧେଶ୍ୱର ସେକ୍ଟର ଛୋଟରାୟପୁର ଅଙ୍ଗନୱାଡି କେନ୍ଦ୍ର ୧ର ଦାୟିତ୍ୱ ତୁଲାଇ ଆସୁଥିଲେ। ସେହିପରି ମୃତାଙ୍କ ସ୍ୱାମୀ ଏ. ଭୁବୁନି ଏବଂ ନଣନ୍ଦ ଏମ୍. ଡୋଲିଆମ୍ମା ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି। ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ୩ ଜଣ ମିଶି ଚାଷଜମିକୁ ମୁଗ ଫସଲ ସଂଗ୍ରହ ପାଇଁ ଯାଇଥିଲେ। ତେବେ ୩ଟା ବେଳେ ପ୍ରବଳ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ଓ ବଜ୍ରପାତ ହୋଇଥିଲା। ଏହି ବଜ୍ରପାତରେ ସମସ୍ତେ ଚାଷଜମିରେ ଅଚେତ ଅବସ୍ଥାରେ ଟଳି ପଡ଼ିଥିଲେ। ଖବରପାଇ ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅଙ୍ଗନୱାଡି କର୍ମୀ ନାର୍ସୁଆମ୍ମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଏମ୍ .ସନ୍ତୋଷ ବଡ଼ ଡାକ୍ତରଖାନାରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଗୁରୁତରମାନଙ୍କୁ ଚିକିତ୍ସା କ୍ଷେତ୍ରରେ ସହଯୋଗ କରିଥିଲେ। ଅପରପକ୍ଷରେ ଖବରପାଇ ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, ସରପଞ୍ଚ ଏମ୍. ଶ୍ୟାମଘନଙ୍କ ସମେତ ଅଙ୍ଗନୱାଡି କର୍ମୀମାନେ ଶୋକ ପ୍ରକାଶ କରିଛନ୍ତି। ଏପରିକି ମୃତା ଅଙ୍ଗନୱାଡି କର୍ମୀଙ୍କ ପରିବାରକୁ ଶୀଘ୍ର ସରକାରୀ ସହାୟତା ଯୋଗାଇଦେବା ପାଇଁ ସରପଞ୍ଚ ଦାବି କରିଛନ୍ତି।



ମୃତା ଅଙ୍ଗନୱାଡି କର୍ମୀ ଏ. ନାର୍ସୁଆମ୍ମା

# ୬ଜଣଙ୍କୁ ମିଳିବ 'ସଙ୍ଗୀତ ନାଟକ ଅକାଦେମୀ ଫେଲୋଶିପ୍'

ଭୁବନେଶ୍ୱର, ୨୮।୨ (ବନ୍ଦନା ସେଠୀ)

- ୯୨ଜଣ ପାଇବେ ଅକାଦେମୀ ପୁରସ୍କାର
- ୮୦ଜଣଙ୍କୁ ଉସ୍ତାଦ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର

କେନ୍ଦ୍ର ସଙ୍ଗୀତ ନାଟକ ଅକାଦେମୀ ପକ୍ଷରୁ 'ସଙ୍ଗୀତ ନାଟକ ଅକାଦେମୀ ଫେଲୋଶିପ୍' (ଅକାଦେମୀ ରତ୍ନ) ସହ ଅକାଦେମୀ ପୁରସ୍କାର ଏବଂ ଉସ୍ତାଦ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର ଘୋଷଣା କରାଯାଇଛି। କଳା କ୍ଷେତ୍ରରେ ଉତ୍କର୍ଷତା ପାଇଁ ୬ଜଣ ବ୍ୟକ୍ତି ବିଶେଷଙ୍କୁ ଅକାଦେମୀ ରତ୍ନ ପ୍ରଦାନ କରାଯିବ। ସେମାନେ ହେଉଛନ୍ତି ବିନାୟକ ଖେଡ଼େକର୍, ଆର୍. ବିଶ୍ୱେଶ୍ୱରାନ୍, ସୁନୟନା ହଜାରିଲାଲ୍, ରାଜା ଆଣ୍ଡ୍ ରାଧା ରେଡ୍ଡୀ, ଦୁଲାଲ୍ ରଏ ଓ ଡି.ପି. ସିହ୍ନା। ପୁରସ୍କାର ବାବଦରେ ପ୍ରତ୍ୟକଙ୍କୁ ୩ଲକ୍ଷ ଟଙ୍କାର ଅର୍ଥରାଶି, ତାମ୍ରପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ଦିଲ୍ଲୀଠାରେ ଫେବୃଆରୀ ୨୧ ଓ ୨୨ରେ ଅନୁଷ୍ଠିତ ଅକାଦେମୀର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି। ସେହିପରି ୨୦୨୨-୨୩ ବର୍ଷ ପାଇଁ ସଙ୍ଗୀତ, ନୃତ୍ୟ, ଥିଏଟର ତଥା ପାରମ୍ପରିକ/ଫୋକ୍/ଟ୍ରାଇବାଲ ମ୍ୟୁଜିକ୍/ନୃତ୍ୟ/ଥିଏଟର/ପପେଟ୍ରି ଆଦି କ୍ଷେତ୍ରରେ ୯୨ଜଣଙ୍କୁ 'ସଙ୍ଗୀତ ନାଟକ ଅକାଦେମୀ ଆୱାର୍ଡ' (ଅକାଦେମୀ ପୁରସ୍କାର) ଏବଂ ୮୦ଜଣ ଯୁବ କଳାକାରଙ୍କୁ 'ସଙ୍ଗୀତ ନାଟକ ଅକାଦେମୀ ଉସ୍ତାଦ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର' ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଅକାଦେମୀ ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କା ଅର୍ଥରାଶି, ତାମ୍ରପତ୍ର ଓ ଅଙ୍ଗବସ୍ତ୍ର ଏବଂ ଯୁବ ପୁରସ୍କାର ବାବଦରେ ୨୫ହଜାର ଟଙ୍କା ଅର୍ଥରାଶି, ତାମ୍ରପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ତେବେ ଅକାଦେମୀ ଫେଲୋଶିପ୍ ଏବଂ ଅକାଦେମୀ ପୁରସ୍କାରକୁ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷେ ଯୁବ ପୁରସ୍କାରକୁ ଅକାଦେମୀର ଚେୟାରମ୍ୟାନ୍ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରିବେ ବୋଲି ସୂଚନା ଦିଆଯାଇଛି।

# ହାତରେ ବାଣଫୁଟି ଛିଣ୍ଡିଲା ୩ ଆଙ୍ଗୁଠି

## ବିବାହ ଶୋଭାଯାତ୍ରା ବେଳେ ଅଘଟଣ, ୪ ଗୁରୁତର

ଆଠମଲ୍ଲିକ,୨୮।୨
(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସହରସ୍ଥିତ ବରଗାଁ ଗ୍ରାମକୁ ବୁଧବାର ଅପରାହ୍ନରେ ଯାଉଥିବା ଏକ ବିବାହ ଶୋଭାଯାତ୍ରା ବେଳେ ବାଣ ଅଘଟଣ ଘଟିଛି। ଜଣେ ବରଯାତ୍ରୀଙ୍କ ହାତରେ ବାଣ ଫୁଟିଯିବାରୁ ତାଙ୍କ ଦୁଇ ହାତର ପାପୁଲି କ୍ଷତିଗ୍ରସ୍ତ ହୋଇଛି। ଏପରି କି ଗୋଟିଏ ପାପୁଲିର ୩ଟି ଆଙ୍ଗୁଠି ଛିଣ୍ଡି ଯାଇଛି। ତାଙ୍କ ନିକଟରେ ଥିବା ଆଉ ୩ ଜଣ ବରଯାତ୍ରୀ ମଧ୍ୟ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ବୌଦ୍ଧ ଜିଲା ହରଭଙ୍ଗା ଥାନା ଧଳପୁର ପଞ୍ଚାୟତ ଉଆଁଳ ଗ୍ରାମରୁ ଆସିଥିବା ଏହି ବରଯାତ୍ରୀ ଦଳ ଶୋଭାଯାତ୍ରାରେ କନ୍ୟା ଘର ଅଭିମୁଖେ ଯାଉଥିଲେ। ଅପରାହ୍ନ ପ୍ରାୟ ୪ଟା ବେଳେ ବରଯାତ୍ରୀମାନେ ହାତରେ ପେପର ବାଣ ଧରି ଫୁଟାଉଥିଲେ। ଏହି ସମୟରେ ବରଯାତ୍ରୀ ଧର୍ମେନ୍ଦ୍ର ନାୟକ(୩୦)ଙ୍କ ହାତରେ ଏକ ପେପର ବାଣ ଫୁଟିଯାଇଥିଲା। ଫଳରେ ତାଙ୍କ ଦୁଇ ପାପୁଲି କ୍ଷତାକ୍ତ ହୋଇଥିବା ବେଳେ ଗୋଟିଏ ପାପୁଲିରୁ ୩ ଆଙ୍ଗୁଠି ଛିଣ୍ଡିଯାଇଥିଲା। ଗୋଟିଏ ଆଙ୍ଗୁଠି ଦୂରକୁ ଛିଟିକି ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଧର୍ମେନ୍ଦ୍ରଙ୍କ ନିକଟରେ ଥିବା ସଞ୍ଜୟ ପ୍ରଧାନ(୨୫), ଲକ୍ଷ୍ମଣ ମହାକୁଡ଼(୨୪) ଓ ସିକୁନ ପ୍ରଧାନ(୨୦)ଙ୍କ ଶରୀରରେ ମଧ୍ୟ ଗୁରୁତର ଆଘାତ ଲାଗିଥିଲା। ତୁରନ୍ତ ସେମାନଙ୍କୁ ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଧର୍ମେନ୍ଦ୍ର ଓ ସଞ୍ଜୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଲକ୍ଷ୍ମଣ ଓ ସିକୁନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଚିକିତ୍ସା କରିଥିବା ଡାକ୍ତରଙ୍କ କହିବା ଅନୁଯାୟୀ ଗୁରୁତର ଧର୍ମେନ୍ଦ୍ରଙ୍କ ଗୋଟିଏ ପାପୁଲିର ୩ଟି ଆଙ୍ଗୁଠି ନ ଥିଲା। ଅନ୍ୟ ୩ଜଣଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି।

# ରାଜ୍ୟରେ ୮୪୦୭ଟି କ୍ରୀଡ଼ାଙ୍ଗନ ଶିକ୍ଷାର୍ଥୀ କ୍ଲବ ଗଠିତ

ଭୁବନେଶ୍ୱର,୨୮।୨
(ଅନୁରାଧା ମହାରଣା)

**ସମୀକ୍ଷା କଲେ ମୋ ସ୍କୁଲ୍ ଅଧ୍ୟକ୍ଷା**

ଖେଳ ମାଧ୍ୟମରେ ଆତ୍ମ ସଚେତନତା, ସହଯୋଗିତା, ସମୟ ପରିଚାଳନା, ସମସ୍ୟା ସମାଧାନ ଉପରେ ଶିକ୍ଷାପ୍ରଦାନ ପାଇଁ ବିଦ୍ୟାଳୟଗୁଡ଼ିକରେ କ୍ରୀଡ଼ାଙ୍ଗନ ଶିକ୍ଷାର୍ଥୀ କ୍ଲବ୍ ଗଠନ କରାଯାଉଛି। ଏହି କ୍ରମରେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୮୪୦୭ଟି କ୍ଲବ୍ ଗଠନ କରାଯିବା ସହ ଏଥିରେ ସଫଳତା ମିଳୁଥିବା ଦେଖାଯାଇଛି। ତେଣୁ ଆଗାମୀ ଶିକ୍ଷାବର୍ଷରେ କିପରି ଏହି କ୍ଲବ ସୁଚାରୁରୂପେ କାର୍ଯ୍ୟ କରିବ ଏବଂ ଅଧିକରୁ ଅଧିକ ଶିକ୍ଷକ ପ୍ରଶିକ୍ଷକ (ମାଷ୍ଟର ଟ୍ରେନର) ପ୍ରଶିକ୍ଷଣ ନେଇପାରିବେ ସେନେଇ ତୋଷାଳିଭବନସ୍ଥିତ ମୋ ସ୍କୁଲ ଅଭିଯାନ ସମ୍ମିଳନୀ କକ୍ଷରେ ଏକ ଯୋଜନା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୋ ସ୍କୁଲ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନ ଗଠନରେ ଏହି କ୍ଲବ କିପରି ସହାୟକ ହୋଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହାସହ ମୋ ସ୍କୁଲ ଅଭିଯାନର ସହଭାଗିତାରେ କାର୍ଯ୍ୟ କରୁଥିବା ମ୍ୟାଜିକ ବସ୍ ଇଣ୍ଡିଆ ଫାଉଣ୍ଡେଶନର ସମସ୍ତ ଜିଲା ସଂଯୋଜକ ଓ ଅଧିକାରୀମାନେ ଉପସ୍ଥିତ ରହି ନିଜ ଅଭିଜ୍ଞତା ଏବଂ ଅନୁଭୂତି ରଖିଥିଲେ। ଜିଲା ସଂଯୋଜକମାନେ ନିଜ ଜିଲା ସମ୍ବନ୍ଧରେ ସବିଶେଷ ବିବରଣୀ ଉଲ୍ଲେଖ କରିଥିଲେ। କ୍ରୀଡାଙ୍ଗନ କ୍ଲବର ଉପଯୁକ୍ତ ଓ ଠିକ ପର୍ଯ୍ୟବେକ୍ଷଣ ପାଇଁ ମ୍ୟାଜିକ ବସ୍ ଏକ ଚାର୍ଟ ବୋର୍ଡ ବିକଶିତ କରିଥିବାବେଳେ ହ୍ୱାଟ୍‌ସଆପ ମାଧ୍ୟମରେ ସମସ୍ତ ବିଦ୍ୟାଳୟରେ ଏହାର ଉପଯୋଗ କରିବାକୁ ଆଲୋଚନା ହୋଇଥିଲା। ଏହାସହ ଜିଲାୱାରୀ ବିଦ୍ୟାଳୟସ୍ତରରେ କ୍ରୀଡ଼ାଙ୍ଗନ କ୍ଲବ ଗଠନ ଓ କାର୍ଯ୍ୟକ୍ରମର ତଥ୍ୟ ଉପସ୍ଥାପନା କରାଯାଇ ସମୀକ୍ଷା କରାଯାଇଥିଲା। ଜିଲା ସ୍ତରରୁ ଆସିଥିବା ଶିକ୍ଷକଙ୍କ ମତାମତକୁ ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। ସେହିପରି ରାଜ୍ୟରେ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ନବ ନିଯୁକ୍ତ ୪୫୨ କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ଶିକ୍ଷକଙ୍କ (ପିଇଟି) ତାଲିମ ଓ ସେମାନଙ୍କ ଦ୍ୱାରା କ୍ରୀଡ଼ା ଶିକ୍ଷାର୍ଥୀ କ୍ଲବକୁ ତ୍ୱରାନ୍ୱିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା।

କାନାରା ବ୍ୟାଙ୍କ, ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ରେଭିନ୍ୟୁ:୧୫୫୬(ପି) ଏବଂ ୧୫୬୧(ପି),କେଏଚ୍:୧୧୫୨, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାମାନଙ୍କର ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଲିଙ୍କ୍‌ରୋଡ ଶାଖା, କଟକ** (୧) ମେସର୍ସ ଡିଏମ୍ ଫାର୍ମାସିଟିକାଲସ ଆଣ୍ଡ ମେଡିକାଲ୍ ହଲ (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ବସନ୍ତ କୁମାର ସାହୁ, ମନୋରମା ମେଟ୍ରୋ କମ୍ପ୍ଲେକ୍ସ, ଗୃହ ନଂ.ଏଲ୍‌ଜି-୧୨, ଫ୍ଲଟ ନଂ.୪୩/୭୮୩, ମଙ୍ଗଳାବାଗ, କଟକ, ଜିଲ୍ଲା: କଟକ, ଓଡିଶା, ପିନ୍- ୭୫୩୦୦୧, (୨) ଶ୍ରୀ ବସନ୍ତ କୁମାର ସାହୁ (ଋଣଗ୍ରହୀତା/ବନ୍ଧକଦାତା), ପିତା: ଶ୍ରୀ ଜଗବନ୍ଧୁ ସାହୁ, ଠିକଣା: ମନୋରମା ମେଟ୍ରୋ କମ୍ପ୍ଲେକ୍ସ, ଗୃହ ନଂ.ଏଲ୍‌ଜି-୧୨, ଫ୍ଲଟ ନଂ.୪୩/୭୮୩, ମଙ୍ଗଳାବାଗ, କଟକ, ଜିଲ୍ଲା: କଟକ, ଓଡିଶା, ପିନ୍- ୭୫୩୦୦୧, (୩) ଶ୍ରୀ ସୁଶୀଲ୍ ମହାନ୍ତି (ଜାମିନ୍‌ଦାର), ଠିକଣା: ନୂଆସାହି,-ନୂଆବଜାର, ଗୋଶାଳା ରୋଡ, କଟକ, ଜିଲ୍ଲା: କଟକ, ଓଡିଶା, ପିନ୍- ୭୫୩୦୦୪ । | (କ)ଟ.୮,୦୦,୦୦୦/- / (ଖ) ୧୭.୦୬.୨୦୧୯ / (ଗ) ୨୩.୦୧.୨୦୨୪ | ୨୨.୦୧.୨୦୨୪ ସୁଦ୍ଧା ଟ.୧୦,୮୬,୨୯୧.୮୬ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ବସନ୍ତ କୁମାର ସାହୁଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଯାହାର ଖାତା ନଂ.୨୦୮/୧୪୮, ପ୍ଲଟ ନଂ.୧୬୧/୭୮୧, ସା/ମୌଜା: ଭରାଣ୍ଡି, ତହସିଲି: ଟାଙ୍ଗି ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ପିନ୍- ୭୫୪୨୧୧, କିସମ: ଘରବାରୀ, ଏରିଆ: ଏ୦.୦୨୮ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୧୬୨, ଦକ୍ଷିଣ- ରାସ୍ତା, ପୂର୍ବ- ଭେଣ୍ଡର, ପଶ୍ଚିମ- ପ୍ଲଟ ନଂ.୧୬୦। |
| **କେନ୍ଦ୍ରାପଡା-୨ ଶାଖା** (୧) ଗୋଲ୍‌ଡେନ୍ ସାଇକେଲ୍ ଏଜେନ୍ସି (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ କାଇଜର ଅଲୀ, (୨) ଶ୍ରୀ କାଇଜର ଅଲୀ (ଋଣଗ୍ରହୀତା/ବନ୍ଧକଦାତା), ପିତା: ମହମ୍ମଦ ଫଜ୍‌ଲି ରବି, (୩) ସୁଲତାନା ବେଗମ୍ (ଜାମିନ୍‌ଦାର), ସମସ୍ତଙ୍କ ଠିକଣା: ସା-ପୋଷ୍ଟ ଅଫିସ୍ ଲେନ୍, କେନ୍ଦ୍ରାପଡା, ଜିଲ୍ଲା: କେନ୍ଦ୍ରାପଡା, ଓଡିଶା, ପିନ୍-୭୫୪୨୧୧। | (କ)ଟ.୮,୦୦,୦୦୦/- / (ଖ) ୨୫.୦୧.୨୦୧୩ / (ଗ) ୨୩.୦୧.୨୦୨୪ | ୨୨.୦୧.୨୦୨୪ ସୁଦ୍ଧା ଟ.୩୩,୩୪,୪୯୭.୮୦ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ କାଇଜର ଅଲୀଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଯାହାର ଖାତା ନଂ.୧୨୩/୭୧, ରେଭିନ୍ୟୁ ପ୍ଲଟ ନଂ.୧୧୧/୧୪୫୫, ସା/ମୌଜା: ଖଡିଅଙ୍ଗ, ଏସ୍‌ଆରଓ / ଥାନା/ ଜିଲ୍ଲା: କେନ୍ଦ୍ରାପଡା, ପିନ୍- ୭୫୪୨୧୧, କିସମ: ଘରବାରୀ, ଏରିଆ: ଏ୦.୦୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ଅନ୍ୟମାନଙ୍କ ଗୃହ, ଦକ୍ଷିଣ- ରାସ୍ତା, ପୂର୍ବ- ଅନ୍ୟମାନଙ୍କ ଗୃହ, ପଶ୍ଚିମ- ଅନ୍ୟମାନଙ୍କ ଗୃହ । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହିତା / ଜାମିନ୍‌ଦାରମାନେ ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାମାନଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୮.୦୨.୨୦୨୪, ସ୍ଥାନ: ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ




## ସଂକ୍ଷେପରେ

### ଖଜୁରିପଡ଼ାରେ ନୂତନ ତହସିଲଦାରଙ୍କ ଯୋଗଦାନ



ଖଜୁରିପଡ଼ା,୨୮।୨(ବିଦୂର ବେହେରା)

ଖଜୁରିପଡ଼ା ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ସୌମ୍ୟରଞ୍ଜନ ପାତ୍ର ଗତ ୭ ତାରିଖରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ବଲାଙ୍ଗୀର ଜିଲାରେ ଏକ ମାସ ପାଇଁ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରିଥିଲେ। ଏବେ ପ୍ରଥମ ଥର ତହସିଲଦାର ଭାବେ ଦାୟିତ୍ୱ ପାଇଥିବାରୁ ସେ ଏହାକୁ ଗୁରୁତ୍ୱପୂର୍ଣ୍ଣ ଭାବେ କର୍ତ୍ତବ୍ୟ କରି ଅଞ୍ଚଳବାସୀଙ୍କୁ ସେବା ଯୋଗାଇବେ ବୋଲି କହିଛନ୍ତି।

### ଭାଜପାର ବୁଥ୍ ଚାଲ ଅଭିଯାନ

ବାଲିଗୁଡ଼ା,୨୮।୨(ସଞ୍ଜୟ କୁମାର ପାଣିଗ୍ରାହୀ): କନ୍ଧମାଳ ଲୋକସଭା କ୍ଷେତ୍ରର ବାଲିଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ବୁଥ୍ ଚାଲ ଅଭିଯାନ ସହ ମୋଦୀ ଗ୍ୟାରେଣ୍ଟି ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଓ ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କ ନେତୃତ୍ୱରେ ତୁମୁଡ଼ିବନ୍ଧ ମଣ୍ଡଳର ବେଲଘର, ବିଲାମାଳ, ଝିରିପାଣି, ଗୁମା ପଞ୍ଚାୟତର ବିଭିନ୍ନ ଗାଁକୁ ଗାଁ ବୁଲି ଦଳୀୟ କାର୍ଯ୍ୟକର୍ତ୍ତାମାନେ ବୁଥ୍ ଚାଲ ଅଭିଯାନ ମାଧ୍ୟମରେ ଘରକୁ ଘର ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବେଲଘର ସରପଞ୍ଚ ଗୋବିନ୍ଦ ମାଝି, ଗଙ୍ଗାଧର ଗରଡିଆ, ଯଶବୋନ୍ତ ମାଝି, ଶ୍ରୀରାମ ବାରିକ, ଆଶିଷ ନାୟକ, ଜିତୁ ନାୟକ, ମିଥୁନ ତନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ଭାଜପା ଯୁବ ନେତାଙ୍କ ଇସ୍ତଫା

ବ୍ରହ୍ମପୁର,୨୮।୨(ନରସିଂହ ସାହୁ)

ଗୋପାଳପୁର ନିର୍ବାଚନ ମଣ୍ଡଳୀର ଭାଜପା ଯୁବନେତା ଶୁଭାଶିଷ ସାହୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବୁଧବାର ଇସ୍ତଫା ଦେଇଛନ୍ତି। ଇସ୍ତଫା ପତ୍ର ଗଞ୍ଜାମ ଜିଲା ସଭାପତି ଡ଼ା. ସୁବାସ ସାହୁଙ୍କ ନିକଟକୁ ପଠାଇଛନ୍ତି। ବିଧାୟକ ପ୍ରଦୀପ ପାଣିଗ୍ରାହିଙ୍କୁ ଭାଜପାରେ ମିଶାଇଥିବା ପ୍ରତିବାଦରେ ସେ ଏହି ନିଷ୍ପତ୍ତି ନେଇଥିବା ସୂଚାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜନୈତିକ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗଦେବାର ଘୋଷଣା କରିଛନ୍ତି। ଶୁଭାଶିଷ ଭାଜପାର ବରିଷ୍ଠ ନେତା ବିଭୂଜି ଜେନାଙ୍କ ଏକାନ୍ତ ଅନୁଗତ ଥିଲେ।

# ଅଭାବୀ ବିକ୍ରି: ଜମିରେ ପଚୁଛି ଷ୍ଟ୍ରବେରୀ

ଦାରିଙ୍ଗବାଡି,୨୮।୨(ଅରୁଣ ସାହୁ):

ଦାରିଙ୍ଗବାଡି ପ୍ରଥମେ ଜୈବିକ ପଦ୍ଧତିରେ କଫି ଚାଷ କରି ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ସେହି କ୍ରମରେ ଗତ ୨୦୨୨-୨୩ ଆର୍ଥିକ ବର୍ଷ ପ୍ରଥମଥର ପାଇଁ କନ୍ଧମାଳ ଜିଲାରେ ଜିଲା ପ୍ରଶାସନର ଉଦ୍ୟମରେ ଷ୍ଟ୍ରବେରୀ ଚାଷ ଆରମ୍ଭ କରାଯାଇଥିଲା। ମାତ୍ର ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୨୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏଲିଜାବେଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ରୋଜଗାର କରାଯାଇଥିଲା। ଚଳିତ ୨୦୨୩-୨୪ ଆର୍ଥିକ ବର୍ଷ ଉକ୍ତ ବ୍ଲକରେ ସିଆଙ୍ଗବାଲି ପଞ୍ଚାୟତ ମାଲେବାଡି ରାଜସ୍ୱ ଗ୍ରାମର ପଞ୍ଚୁପଲୀ ଗ୍ରାମରେ ଅଢ଼େଇ ଏକର ଓ ଶ୍ରୀନିକେତା ପଞ୍ଚାୟତ ସୁଲୁମାହା ଗ୍ରାମରେ ଅଢ଼େଇ ଏକର ଜମିରେ ଷ୍ଟ୍ରବେରୀ ଚାଷ କରାଯାଇଥିଲା। ତେବେ ପଞ୍ଚୁପଲୀରେ ଜୀବନଜ୍ୟୋତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ କରାଯାଉଥିବା ଚାଷରେ ବହୁ କ୍ଷତି ହୋଇଥିବା ମହିଳା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ଷ୍ଟ୍ରବେରୀ



ଦୈନିକ ୧ କୁଇଣ୍ଟାଲରୁ ଅଧିକା ଅମଳ ହେଉଛି। ପ୍ରଥମେ ଫଳ ଅମଳ ହେବା ସମୟରେ ଚାଷ ଜମି ନିକଟରେ ହିଁ ବିକ୍ରି ହେଉଥିଲା। ଦାରିଙ୍ଗବାଡିକୁ ଆସୁଥିବା ପର୍ଯ୍ୟଟକମାନେ ଷ୍ଟ୍ରବେରୀ କିଣି ନେଉଥିଲେ, କିଲୋ ପିଛା ୫ ଶହ ଟଙ୍କା ଓ ୨ଶହ ଗ୍ରାମ ପ୍ୟାକେଟକୁ ୧ ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇପାରୁଥିଲା। କିନ୍ତୁ ଚଳିତ ସପ୍ତାହରେ ପ୍ରବଳ ବର୍ଷା ଯୋଗୁ ଏବେ ଷ୍ଟ୍ରବେରୀ ନଷ୍ଟ ହେବାରେ ଲାଗିଛି। ଜମିରେ କୁଇଣ୍ଟାଲ କୁଇଣ୍ଟାଲ ଷ୍ଟ୍ରବେରୀ ପଚି ଶଡ଼ି ନଷ୍ଟ ହୋଇଯାଇଛି। ଫଳରେ ଏବେ ଜୀବନଜ୍ୟୋତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚିନ୍ତାରେ ପଡିଛନ୍ତି। ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ କରି ଚାଷ କରିଥିବା ମହିଳାମାନେ କିଭଳି ଋଣ ପରିଶୋଧ କରିବେ ସେମାନଙ୍କ ଚିନ୍ତା ବଢିଯାଇଛି। ଜିଲା ପ୍ରଶାସନକୁ ସେମାନେ ନିବେଦନ କରିଛନ୍ତି ସେମାନଙ୍କୁ ଷ୍ଟ୍ରବେରୀ ପ୍ରକ୍ରିୟାକରଣ ତଥା ଜେଲି, ଜୁସ୍, ସ୍କ୍ୱାସ୍ ଆଦି ପ୍ରସ୍ତୁତ କରି ବିକ୍ରି କରିବାକୁ ସାହାଯ୍ୟ କଲେ ସେମାନେ ଏହି ଚାଷରେ ସଫଳତା ପାଇବେ ବୋଲି ଆଶା କରିଛନ୍ତି। ଦୁଇ ଦୁଇ ଥର ଷ୍ଟ୍ରବେରୀ ଫଳକୁ ପ୍ରକ୍ରିୟାକରଣ କରି ବିକ୍ରି ପାଇଁ ତାଲିମ ପ୍ରଦାନ କରାଯାଇଥିଲେ ସୁଦ୍ଧା ପ୍ରକ୍ରିୟା କରଣ ପାଇଁ ଆବଶ୍ୟକ ମ୍ୟାଟେରିଆଲ ଯୋଗାଇ ଦିଆଯାଇନାହିଁ। ଏବେ ଜମିରେ କୁଇଣ୍ଟାଲ କୁଇଣ୍ଟାଲ ଷ୍ଟ୍ରବେରୀ ଫଳ ପଡି ରହିଥିବା ବେଳେ ଲକ୍ଷାଧିକ ଟଙ୍କା କ୍ଷତି ସହିବାକୁ ପଡୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ କୁହାଯାଇଛି। ଏନେଇ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର କହିଛନ୍ତି, ଷ୍ଟ୍ରବେରୀ ଚାଷ ସଫଳତାର ସହ ହୋଇଛି। ପ୍ରକ୍ରିୟାକରଣ ପାଇଁ ତାଲିମ ଦିଆଯିବା ସହ ସେମାନେ ମ୍ୟାଟେରିଆଲ କିଣି ଜୁସ, ଜେଲି, ସ୍କ୍ୱାସ୍ ଆଦି ପ୍ରସ୍ତୁତ କରି ବିକ୍ରି କରିବାକୁ କୁହାଯାଇଛି। କେଉଁ କାରଣରୁ କରିନାହାନ୍ତି ତାହା ସେ ତଦନ୍ତ କରିବେ ବୋଲି କହିଛନ୍ତି। ଏଥିସହ ଜୀବନଜ୍ୟୋତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆକାଉଣ୍ଟରେ ୬ ଲକ୍ଷ ୩୦ହଜାର ୪୦୦ ଟଙ୍କା ସହାୟତା କରାଯାଇଛି। ଏଥିସହ ସୁଲୁମାହାଠାରେ ଆଶା ସର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ ଲକ୍ଷ ୭୬ ହଜାର ଟଙ୍କା ସହାୟତା କରାଯାଇଥିବା କହିଛନ୍ତି। ତେଣୁ ମହିଳାମାନେ ଏହି ସହାୟତା ରାଶିର ଫାଇଦା ନେଇ ପ୍ରକ୍ରିୟାକରଣ ପାଇଁ ମ୍ୟାଟେରିଆଲ କିଣିବାକୁ ବିଡିଓ ପରାମର୍ଶ ଦେଇଛନ୍ତି।

# ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ

ପାରଳାଖେମୁଣ୍ଡି,୨୮।୨ (ଗିରିଧାରୀ ପରିଛା):

ଗଜପତି ଜିଲା ଗୋଷାଣୀ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଯାଜପୁରଠାରେ ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ଶିକ୍ଷକ, ଶିକ୍ଷା ନିର୍ଦ୍ଦେଶାଳୟ ଓ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଭୁବନେଶ୍ୱର ଆନୁକୂଲ୍ୟରେ ଓ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୋଶ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ପାଳିତ ହୋଇଯାଇଛି। ଉକ୍ତ ବିଜ୍ଞାନ ଦିବସରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମନୋଜ ରଞ୍ଜନ ଦଳାଇ ଉଦ୍‌ଘାଟନ କରିଥିବା ବେଳେ ଜିଲା ବିଜ୍ଞାନ ନିରୀକ୍ଷକ ଏ ରବି କୁମାର ସ୍ୱାଗତ ଭାଷଣ ଦେଇଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ବିନୋଦ ଚନ୍ଦ୍ର ଜେନା ମୁଖ୍ୟବକ୍ତା, ପ୍ରଧାନ ଶିକ୍ଷକ ସାମ୍ରିକ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅବସରପ୍ରାପ୍ତ ବିଇଓ ବାଳକୃଷ୍ଣ ମାଝୀ, ଶିକ୍ଷୟିତ୍ରୀ ନର୍ମଦା ଦେଇ, ଏ ଜଗଦିଶ, ମୋହନ ବାରିକ, ରବୀନ୍ଦ୍ର ପ୍ରଧାନ କାର୍ଯକ୍ରମ ପରିଚାଳନା କରିଥିଲେ।

# ଓଡ଼ିଶା ବ୍ରିଗେଡ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଦାରିଙ୍ଗବାଡି,୨୮।୨(ଅରୁଣ ସାହୁ )

ଦାରିଙ୍ଗବାଡିଠାରେ ଥିବା ଓଡ଼ିଶା ବ୍ରିଗେଡ଼ ବିଦ୍ୟାଳୟର ମଙ୍ଗଳବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ବିଡିଓ ଗଦାଧର ପାତ୍ର, ସରପଞ୍ଚ ସୁଶ୍ରୀ ଚନ୍ଦ୍ରିକା ମଲିକ, ରାଜ୍ୟ ଘରୋଇ ବିଦ୍ୟାଳୟ ସଂଘର ଉପସଭାପତି ରାଜକିଶୋର ପାଢ଼ୀ, ବିଇଓ ରସାନନ୍ଦ କର, ଆଇଆଇଆସି ଆନନ୍ଦ ଚନ୍ଦ୍ର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଜୟ କୁମାର ସାହୁ, ସାହସମ୍ପାଦକ ଅନିରୁଦ୍ଧ ବାଗ, ବିଧାୟକ ପ୍ରତିନିଧି ଦୀପକ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମା' ହେଉଛି ପ୍ରଥମ ଶିକ୍ଷୟିତ୍ରୀ, ଗୃହ ହେଉଛି ପ୍ରଥମ ବିଦ୍ୟାଳୟ ଓ ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ହେଉଛନ୍ତି ଶିଳ୍ପୀକାର ବୋଲି ମୁଖ୍ୟବକ୍ତା କହିଥିଲେ। ଶିକ୍ଷକ ଦିନେଶ ସାହୁଙ୍କ ସମେତ ସନ୍ତୋଷ କୁମାର ଦିଗାଲ, ସୁଦୀପ୍ତ ରାଣୀ ପଣ୍ଡା, ରିଙ୍କୁ ସାହୁ, ଗୀତାଞ୍ଜଳି ପତ୍ରା, ପଦ୍ମାବତୀ ପଲିଆ ସହଯୋଗ କରିଥିଲେ।

# ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ଗଜଜ୍ୟୋତି କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୨୮।୨(ଗିରିଧାରୀ ପରିଛା):

ସ୍ଥାନୀୟ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟଠାରେ ଚାରିଦିନ ଧରି ଚାଲିଥିବା ବାର୍ଷିକ ଉତ୍ସବ 'ଗଜଜ୍ୟୋତି' କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ସବୁ ମୁଖ୍ୟ ଆକର୍ଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଶୀ, ଫ୍ୟାସନ ଶୋ', କିଚକ ରାମାୟଣ ପ୍ରମୁଖ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବିଭାଗର ଅଧାପିକା, ଅଧାପକମାନେ ନିଜର କଳାକୌଶଳ ପ୍ରଦର୍ଶନ କରିଥିଲେ। ଶେଷ ସନ୍ଧ୍ୟାରେ ବଲିଉଡ ସିଙ୍ଗର ମଧୁର ଶର୍ମା ଓ ଚନ୍ଦନ



ଯଏସ୍ୱାଲଙ୍କ ସୁମଧୁର କଣ୍ଠର ତାଳେତାଳେ ଛାତ୍ରୀଛାତ୍ରମାନେ ଝୁମି ଉଠିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଉପସଭାପତି ଡି ଏନ ରାଓ, ରେଜିଷ୍ଟ୍ରେର ଡ଼ଃ ଅନିତା ପାତ୍ର, ଦୁର୍ଗାପ୍ରସାଦ ପାଢ଼ୀ, ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ସମବାୟ ସମିତିକୁ ସହାୟତା ପ୍ରଦାନ

ଆସିକା,୨୮।୨(ସୁରେନ୍ଦ୍ରନାଥ ସାହୁ)

ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଅଧିନରେ ଥିବା ୫୦ଟି କୃଷି ସେବା ସମବାୟ ସମିତିକୁ ବୁଧବାର ୫୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି। ସ୍ଥାନୀୟ ସାବିତ୍ରୀ କଲ୍ୟାଣ ମଣ୍ଡପ ଠାରେ କେନ୍ଦ୍ର ବ୍ୟାଙ୍କ ସଭାପତି ମଗୁଲୁଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାଯ୍ୟକ୍ରମରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଟି. ପ୍ରସାଦ ରାଓ ଦୋରା ମୁଖ୍ୟ ଅତିଥି ଭାବେ ଯୋଗଦେଥିଲେ । ଆସିକା ଏମପି ପ୍ରମିଳା ବିଷୋୟୀ, ବିଧାୟିକା ମଂଜୁଳା ସ୍ୱାଇଁ, ଚିନିଶିଳ୍ପ ସଭାପତି ରବିନ୍ଦ୍ର ପଣ୍ଡା, ଏମ.ପି.ସି.ଏସ. ସଭାପତି କାର୍ତ୍ତିକେଶ୍ୱର ପରିଡା, ଉପନିରୀକ୍ଷକ ଜିତେନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସମବାୟ କେନ୍ଦ୍ରବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ମଢେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ରାଜ୍ୟ ସମବାୟ ବ୍ୟାଙ୍କର ଲାଭାଂଶରୁ ଏହି ଅର୍ଥ ସମବାୟ ସମିତିର ଭିତ୍ତିଭୂମିର ବିକାଶ ନିମନ୍ତେ ପ୍ରଦାନ କରାଯାଇଛି । ଜିଲାର ଅର୍ଦ୍ଧାଧିକ ଅଞ୍ଚଳରେ କାର୍ଯ୍ୟକାରୀ ପରିସୀମା ରହିଥିବା ଏହି ବ୍ୟାଙ୍କର ବିଭିନ୍ନ ଅଞ୍ଚଳରେ ୧୯୮ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ରହିଛି । ପର୍ଯ୍ୟାୟ କ୍ରମେ ଅନ୍ୟ ସମିତିମାନଙ୍କୁ ମଧ୍ୟ ଏଭଳି ସହାୟତା ପ୍ରଦାନ କରାଯିବ ବୋଲି ଜଣାପଡିଛି ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଜି.ଉଦୟଗିରି,୨୮।୨(ଶିଶିର ପଟ୍ଟନାୟକ)

ବିଜେଡି ପକ୍ଷରୁ ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନମ୍ବର ୨ ଓ ୩ ଶଙ୍ଖସାହିଠାରୁ ତେଲିସାହି ଯାଏ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ନଗର ସଭାପତି ପି.ସଞ୍ଜୀବ କୁମାର ପାତ୍ର, ନଗର ମହିଳା ସଭାନେତ୍ରୀ କୃତାଞ୍ଜଳି ନାୟକ, ବିଧାୟକ ପ୍ରତିନିଧି ଅନିଲ ଦଳବେହେରା, ଯୁବ ସଭାପତି ବ୍ରହ୍ମାନନ୍ଦ ସାହୁ, କାଉନସିଲର ମୋନାଲିସା ଦଳବେହେରା, ସିଦ୍ଧେଶ୍ୱରୀ ନାୟକ, ଭାରତୀ ବେହେରା, ଲକ୍ଷ୍ମୀପ୍ରିୟା ପରିଚ୍ଛା, ନନ୍ଦିତା ପ୍ରଧାନ, ଦୀପକ କୁମାର ନାୟକ, ବିଜେଡିର ନେତା ଦେବନାଥ ଦଳବେହେରା ପ୍ରମୁଖ ଯୋଗଦେଇଥିଲେ।

# ଲୋକକଳା ମାଧ୍ୟମରେ ସଚେତନତା




କୋଦଳା,୨୮।୨(ଅମିତ କୁମାର ପଟ୍ଟନାୟକ)

ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ବେଗୁନିଆପଡା ବ୍ଲକରେ ଓଡ଼ିଶା ସରକାରଙ୍କ ତରଫରୁ ବିଭିନ୍ନ ଲୋକକଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆପଡ଼ା ଏବଂ ଖଣ୍ଡିଆନଇ ପଞ୍ଚାୟତରେ ଚଢ଼େୟା ନାଟ୍ୟ, ଗାହାଣି, ସଂକୀର୍ତ୍ତନ ଦଳ ମାଧ୍ୟମରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ମଧୁବାବୁ ପେନସନ ଯୋଜନା, ଲକ୍ଷ୍ମୀ ବସ, ହରିଶ୍ଚନ୍ଦ୍ର ଯୋଜନା ଏହିପରି ୧୫ଟି ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ସଭାପତି ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ବ୍ଲକ କଳା ସଂସ୍କୃତି ଉପସଭାପତି ମହେଶ୍ୱର ବରାଡ଼, ଗ୍ରାମପଞ୍ଚାୟତ ଅଧିକାରୀ ଅଶୋକ କୁମାର ଜେନା ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆମ ପୋଲିସ ସମିତି ବୈଠକ

ବ୍ରାହ୍ମଣୀଗାଁ ୨୮ ।୨ (ମନୋରଞ୍ଜନ ରଣା)

ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ନୂତନ ଭାରପ୍ରାପ୍ତ ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୋଲିସ ସମିତିର କାର୍ଯ୍ୟଧାରା, ଟ୍ରାଫିକ ସମସ୍ୟା, ଦ୍ରୁତ ଗତିରେ ବାଇକ ନ ଚଳାଇବା, ସାଇବର ଠକ, ହେଲମେଟ ଚେକିଙ୍ଗ ସହ ଫାଇନ, ବାଲ୍ୟ ବିବାହ ରୋକିବା ଓ ଗୁଣି ଗାରେଡ଼ି ଭଳି ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବା ଆଦି ବିଷୟରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ନୂତନ ଥାନା ଅଧିକାରୀ କହିଛନ୍ତି। ଆଠ ଗୋଟି ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟା ଓ ସଭ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟିକୁ ଏସ୍ଆଇ ଅମରେନ୍ଦ୍ର ସୁବୁଦ୍ଧି, ଏଏସ୍ଆଇ ଶଙ୍କର ୱାଡକା ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗଞ୍ଜାମର ୬ ପୂର୍ବତନ ବିଧାୟକ

ବ୍ରହ୍ମପୁର,୨୮।୨(ନରସିଂହ ସାହୁ)

ଗଞ୍ଜାମ ଜିଲାର ୬ ଜଣ ପୂର୍ବତନ ବିଧାୟକ ବୁଧବାର ସନ୍ଧ୍ୟାରେ ନବୀନ ନିବାସ ଯାଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ଦଳର ସାଂଗଠନିକ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ଥିଲେ। ସେମାନେ ହେଲେ ଶିବ ଶଙ୍କର ସାହାଣୀ, ଉଦୟନାଥ ନାୟକ, ଅଶୋକ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ସୀମାଞ୍ଚଳ ବେହେରା ଓ ରାମଚନ୍ଦ୍ର ପଣ୍ଡା ନବୀନ ନିବାସ ଯାଇଥିଲେ। ସମସ୍ତେ ମୁଖ୍ୟତଃ ଜିଲାରେ ଶଙ୍ଖ ଚିହ୍ନ ଓ ନବୀନ ହାୱା ଥିବାରୁ ଦଳର



ସାଂଗଠନିକ କାର୍ଯ୍ୟ ଯେଭଳି ହେବା କଥା ହେଉନଥିବା ସୂଚାଇଥିଲେ। ସେମାନଙ୍କ ଆଉ ଏକ ଅଭିଯୋଗ ହେଲା ଜିଲାରେ ସରକାର ଅନେକ ଜନ କଲ୍ୟାଣ ଯୋଜନା କରୁଛନ୍ତି। ତେବେ ସେ ସବୁ ଲୋକଙ୍କୁ ନିକଟରେ ପହଞ୍ଚୁନାହିଁ। ଦଳର ଜିଲା ସଂଗଠନ ପକ୍ଷରୁ ଉଦ୍ୟମ ମଧ୍ୟ କରାଯାଉନି। ସାଂଗଠନିକ କାର୍ଯ୍ୟ ଓ ମୁଖ୍ୟମନ୍ତ୍ରୀ ଏବଂ ପାଣ୍ଡିଆନଙ୍କ ଗସ୍ତ ବେଳେ ସୂଚନା ଦିଆନଯାଇ ଅଣଦେଖା କରାଯାଉଛି। ପାଣ୍ଡିଆନ ଓ ବବି ଦାସଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିବା ପୂର୍ବତନ ବିଧାୟକମାନେ ଜଣାଇଛନ୍ତି। ଏହାର ତୁରନ୍ତ ସମାଧାନ ହେବାର ପାଣ୍ଡିଆନ କହିଥିବା କୁହାଯାଇଛି।

# ୫୧ତମ ଜିଲା ପରିଷଦ ବୈଠକ

ପାରଳାଖେମୁଣ୍ଡି, ୨୮।୨ (ଗିରିଧାରୀ ପରିଛା):

ଗଜପତି ଜିଲା ପରିଷଦର ୫୧ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଜି.ତିରୁପତି ରାଓ ଅଧ୍ୟକ୍ଷତା କରିଥିବା ବେଳେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଉପାଧ୍ୟକ୍ଷା କୁନ୍ତଳା ମଲ୍ଲିକ, ବିଧାୟକ ଦାଶରଥି ଗମାଙ୍ଗ, ଏମପି ପ୍ରତିନିଧି ପ୍ରଦୀପ କୁମାର ନାୟକ, ପାରଳାଖେମୁଣ୍ଡି ବିଧାୟକ ପ୍ରତିନିଧି ଆଦର୍ଶ କୁମାର ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ପୂର୍ବ ବୈଠକର ଆଲୋଚିତ ବିବରଣୀ




ପଠନ କରିବା ସହିତ ଏହା ଅନୁମୋଦନ କରାଯାଇଥିଲା। ଏହି ଦିଗରେ ସରକାରୀ ସହାୟତା ସମ୍ପର୍କିତ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା ଜିଲାରେ କାର୍ଯକାରୀ କରାଯାଉଥିବା ବିଭିନ୍ନ ବିଭାଗ ତଥା ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ରାସ୍ତା ଓ କୋଠାବାଡ଼ି, କୃଷି ଓ କୃଷକ ସଶକ୍ତି କରଣ ,ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବେସାମରିକ ଯୋଗାଣ ଓ ଖାଦ୍ୟ ପ୍ରକ୍ରିୟା କରଣ, ଜଳସେଚନ ପ୍ରକଳ୍ପ, ମେଗା ଜଳସେଚନ, କ୍ଷୁଦ୍ର ଜଳସେଚନ, ଛେଲିଗଡ ପ୍ରକଳ୍ପ, ଉଦ୍ୟାନ, ଜଳ ଛାୟା, ପଶୁ ସମ୍ପଦ, ମତ୍ସ୍ୟ ବିଭାଗ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଏବଂ ବିପଣନ ସଂସ୍ଥା, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ସମାଜ କଲ୍ୟାଣ ଓ ଶିଶୁ କଲ୍ୟାଣ ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ପ୍ରଭୃତି ବିଷୟକୁ ନେଇ ସମସ୍ତ ଜିଲାପରିଷଦ ସଭ୍ୟ ସଭ୍ୟା, ବ୍ଲକ ଅଧ୍ୟକ୍ଷ ଅଧ୍ୟକ୍ଷା ଓ ବିଭାଗୀୟ ଅଧିକାରୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ।

